# ରାଇଟ୍ ଟୁ ରିକଲ୍(ଅଣପଂଜୀକୃତ)

## ମାତ୍ର ଏକ ୩ ଧାଡିର ଆଇନ୍  ସହାୟତାରେ ୪ ମାସ ମଧ୍ୟରେ ଆମେ ଦେଶରୁ ଦାରିଦ୍ର୍ୟ ଏବଂ ନ୍ୟାୟାଳୟ ଓ ପୁଲିସ ଥାନାରୁ ଭ୍ରଷ୍ଟାଚାର କିପରି ଦୁର କରିପାରିବା

Facebook Page: www.fb.com/RightoRecall E-mail: info@righttorecall.info
TCP Author: Rahul Mehta: www.fb.com/mehtarahulc
Rajiv Dixit on Right to Recall: http://youtu.be/AKZVLuVqoQc TCP Video : http://youtu.be/imN58DRU1LA

## ୧.ପ୍ରସ୍ତାବିତ ପାରଦର୍ଶୀ ଅଭିଯୋଗ ଓ ପ୍ରସ୍ତାବ ପ୍ରଣାଳୀ(ଟି.ସି.ପି) ର ଚିଠା |

ପ୍ରସ୍ତାବିତ ଟି.ସି.ପି ଆଇନ୍ ,ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କୁ ଦସ୍ତଖତ କରିବାକୁ ପଡେ,ତାହା ୩ ଟି ବିଭାଗରେ ବିଭକ୍ତ ହୋଇଅଛି | କିନ୍ତୁ ତୃତୀୟ ବିଭାଗଟି ଏକ ଛୋଟ ଘୋଷଣା ମାତ୍ର |ତେଣୁ ପ୍ରସ୍ତାବିତ ଟି.ସି.ପି ଆଇନ୍ ର ମୁଖ୍ୟତଃ ୨ ଟି ବିଭାଗ ରହିଛି |

| # | ଅଧିକାରୀ | କାର୍ଯ୍ୟପ୍ରଣାଳୀ |
|---|---|---|
| ୧ | ଜିଲ୍ଲାପାଳ (କିମ୍ବା ତାଂକ କିରାଣୀ ) | ଯଦି କେହି ନାଗରିକ କୌଣସି ଦରଖାସ୍ତ କିମ୍ବା ଭ୍ରଷ୍ଟାଚାର ବିରୋଧୀ ଅଭିଯୋଗ କିମ୍ବା ଶପଥପତ୍ର ଜିଲ୍ଲାପାଳଂକ ନିକଟରେ ଦାଖଲ କରନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ ୱେବସାଇଟ୍ ରେ ଉପସ୍ତାପନ କରିବାକୁ ଦାବି କରନ୍ତି,ତେବେ ଜିଲ୍ଲାପାଳ କିମ୍ବା ତାଂକ କିରାଣୀଂକୁ  ତାହା ୨୦ ଟଂକା ପ୍ରତି ପୃଷ୍ଠା ହିସାବରେ ପ୍ରଧାନମନ୍ତ୍ରୀଙ୍କ ୱେବସାଇଟ୍ ରେ ଦାଖଲ କରି ଏକ କ୍ରମାଂକ ସଂଖ୍ୟା ଦାଖଲକାରୀଂକୁ ଦେବାକୁ ପଡିବ | |
| ୨ | ତହସିଲଦାର୍ (କିମ୍ବା ତାଂକ କିରାଣୀ) | ଯଦି କୌଣସି ନାଗରିକ ଉପରିସ୍ତ କୌଣସି ବିଷୟରେ ନିଜର ମତ (ଯଥା : ହଁ ବା ନାହିଁ) ଜଣାଇବାକୁ ଚାହାନ୍ତି,ତେବେ ସେ ନିଜର ଭୋଟର୍ ପରିଚୟ ପତ୍ର ନେଇ ତହସିଲଦାର୍ କାର୍ଯ୍ୟାଳୟରେ ଏହା କରିପାରିବେ ଏବଂ ତହସିଲଦାର୍ଂ କୁ ତାଂକର  ମତ ଏବଂ ଭୋଟର୍ ପରିଚୟ ପତ୍ର ମାତ୍ର ୩ ଟଂକା ମୁଲ୍ୟ ବିନିମୟରେ ପ୍ରଧାନମନ୍ତ୍ରୀଙ୍କ ୱେବସାଇଟ୍ ରେ ଦାଖଲ କରିବାକୁ ପଡିବ ଏବଂ ଏକ ରସିଦ୍ ଦେବାକୁ ପଡିବ | |
| ୩ | ------ | କୌଣସି ଜନମତ ସଂଗ୍ରହ କରିବାର ପ୍ରଣାଳୀ ନୁହେଁ |ହଁ କିମ୍ବା ନାହିଁ ର ସଂଖ୍ୟା ପ୍ରଧାନମନ୍ତ୍ରୀ,ମୁଖ୍ୟମନ୍ତ୍ରୀ,ନ୍ୟାୟାଧିସ କିମ୍ବା ଅଧିକାରୀମାନଙ୍କୁ ବାଧ କରିପାରିବ ନାହିଁ | କିନ୍ତୁ ଯଦି ୩୭ କୋଟିରୁ ଅଧିକ ଭୋଟର୍ କୌଣସି ଶପଥପତ୍ର ରେ ରାଜି ହୁଅନ୍ତି,ତେବେ ପ୍ରଧାନମତ୍ରୀ ସେହି ବିଷୟରେ କୌଣସି ପଦକ୍ଷେପ ନେଇପାରିବେ,କିମ୍ବା ପ୍ରଧାନମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ପଡିପାରେ |ପ୍ରଧାନମନ୍ତ୍ରୀଙ୍କ ନିଷ୍ପତି ଶେଷ ନିଷ୍ପତି ଭାବରେ ଧରାଯିବ | |

## ଟି.ସି.ପି ଆଇନ୍(ସଂକ୍ଷେପ ରେ) :

•ଜଣେ ନାଗରିକ ଚାହିଁଲେ ଜିଲ୍ଲାପାଳ କାର୍ଯ୍ୟାଳୟ କୁ ଯାଇ ୨୦ ଟଂକା ପ୍ରତି ପୃଷ୍ଠା ମୁଲ୍ୟରେ ନିଜର ଅଭିଯୋଗ କୁ ପ୍ରଧାନମନ୍ତ୍ରୀଙ୍କ ୱେବସାଇଟ୍ ରେ ଦାଖଲ କରିପାରିବେ |

•ଯଦି କୌଣସି ବ୍ୟକ୍ତି ନିଜର ସହମତି  ବା ଅସହମତି ପ୍ରକାଶ କରିବାକୁ ଚାହାନ୍ତି,ତେବେ ସେ ତହସିଲଦାର୍ କାର୍ଯ୍ୟାଳୟରେ ମାତ୍ର ୩ ଟଂକା ବିନିମୟରେ ପ୍ରଧାନମନ୍ତ୍ରୀଙ୍କ ୱେବସାଇଟ୍ ରେ ନିଜର ମତ ରଖିପାରିବେ |

• କିନ୍ତୁ ସହମତି ର ସଂଖ୍ୟା ପ୍ରଧାନମନ୍ତ୍ରୀଙ୍କୁ ବାଧ କରିପାରିବ ନାହିଁ |

## ୨.ପାରଦର୍ଶୀ ଅଭିଯୋଗ ଓ ପ୍ରସ୍ତାବ ପ୍ରଣାଳୀ(ଟି.ସି.ପି) ର ଅର୍ଥ କଣ ଏବଂ ଏହା କିପରି କାର୍ଯ୍ୟକରେ ?

ପାରଦର୍ଶୀ ଅଭିଯୋଗ ଓ ପ୍ରସ୍ତାବ ପ୍ରଣାଳୀ(ଟି.ସି.ପି) ହେଉଛି ଏପରି ଏକ ଅଭିଯୋଗ ଯାହାକୁ ଯେକୌଣସି ଲୋକ ,ଯେକୌଣସି ଜାଗାରେ ଏବଂ ଯେକୌଣସି ସମୟରେ ଦେଖିପାରିବେ ଏବଂ ଅନୁଧ୍ୟାନ କରିପାରିବେ |ଯଥା -ଯଦି ଆପଣଙ୍କ ଅଂଚଳର ମନ୍ତ୍ରୀ ହେଉଛନ୍ତି ଜଣେ ଭ୍ରଷ୍ଟାଚାରୀ ଏବଂ ଆପଣ ଓ ଆପଣଙ୍କ ଅଂଚଳର ଲୋକମାନେ ଅଭିଯୋଗ କରିବାକୁ ଚାହୁଁଛନ୍ତି ଯେ,"ମନ୍ତ୍ରୀ ହେଉଛନ୍ତି ଭ୍ରଷ୍ଟାଚାରୀ ଏବଂ ସେ ବହିଷ୍କୃତ ହେବା ଉଚିତ୍" | ଆସନ୍ତୁ ଜାଣିବା ଏଥିପାଇଁ ବର୍ତ୍ତମାନ ର ବିକଳ୍ପ ସବୁ କଣ ରହିଛି |ପ୍ରଥମ ବିକଳ୍ପ ହେଉଛି **ଧାରଣା**,କିନ୍ତୁ **ଧାରଣା** ହେଉଛି ଅର୍ଥହୀନ ଯେପର୍ଯ୍ୟନ୍ତ ଏହା ପୁର୍ବନିର୍ଧାରିତ ନହୋଇଥାଏ,କାରଣ ବର୍ତ୍ତମାନ ପରିସ୍ଥିତିରେ ସରକରଂକ ବିପକ୍ଷରେ ଗଲେ ପୁଲିସ୍ ର ଲାଠି କୁ ସାମନା

କରିବାକୁ ପଡ଼େ | ଅନ୍ୟ ଏକ ବିକଳ୍ପ ହେଉଛି ଦରଖାସ୍ତ ଅଭିଯାନ,କିନ୍ତୁ ଏହା ବି ଅସଫଳ ହୁଏ କାହିଁକିନା ଜନତାଙ୍କ ଦରଖାସ୍ତ ର କୌଣସି ପ୍ରମାଣ ନ ଥାଏ,ତେଣୁ ଏହା ଅଧିକାରୀ ଏବଂ ମେଡିଆ ସଂସ୍ଥା ଦ୍ବାରା ଭୁଲ ବୋଲି ପ୍ରଚାର କରାଯାଏ |

କିନ୍ତୁ ଯଦି ଟି.ସି.ପି ଦ୍ବାରା ଅଭିଯୋଗ କରାଯାଏ,ତେବେ ଯେକୌଣସି ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଇ ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ କରିପାରିବେ ଏବଂ ଏହାକୁ ସମର୍ଥନ କରୁଥିବା ଲୋକମାନେ ତହସିଲଦାର କାର୍ଯ୍ୟାଳୟ ଯାଇ ନିଜର ଭୋଟର ପରିଚୟ ପତ୍ରର ସମ୍ପୁର୍ଣ ବିବରଣୀ ଏବଂ ଅଂଗୁଳି ଛାପ ଦେଇ ମାତ୍ର ୩ ଟଂକା ବିନିମୟ ରେ ନିଜର ମତ ପ୍ରଧାନମନ୍ତ୍ରୀଙ୍କ ୱେବସାଇଟ୍ ରେ ରଖିପାରିବେ |ଏହାକୁ ମିଡିଆ ସଂସ୍ଥା କିମ୍ବା କୌଣସି ଅଧିକାରୀ ମିଥ୍ୟା ବୋଲି ଦାବି କରିପାରିବେ ନାହିଁ,କାରଣ ଏହାର ସମ୍ପୁର୍ଣ ଯାଂଚ ହୋଇଥାଏ ଓ ଯେକୌଣସି ସମୟରେ ଚାହିଁଲେ ପୁନଃ ଯାଂଚ କରା ଯାଇପାରେ |ଏହାକୁ ବଦଳା ମଧ ଯାଇପାରିବ ନାହିଁ,କାହିଁକିନା ଏହାକୁ ଯେକୌଣସି ଲୋକ ସବୁବେଳେ ଦେଖିପାରିବେ |ମିଡିଆ ସଂସ୍ଥା ମଧ ଏହାକୁ ସମର୍ଥନ କରିବାକୁ ବାଧହେବେ,କାରଣ ନହେଲେ ସେମାନେ ନିଜର ବିଶ୍ବୋସ୍ଥନିୟତା ହରାଇବସିବେ |ଯାହାଦ୍ବାରା କି ମିଡିଆ ସଂସ୍ଥା ମାଧମ ରେ ଏହି ଅଭିଯୋଗ ସାରା ଦେଶରେ ପ୍ରଚାର ହେବ |ଏହାପରେ ସରଦେଶରେ ଏହି ଅଭିଯୋଗ କୁ ସମର୍ଥନ କରୁଥିବା ଲୋକମାନେ ନିଜ ନିଜ ଅଂଚଳର ଏମ.ପି ଏବଂ ଏମ.ଏଲ୍.ଏ ମାନଂକ ଉପରେ ଏହି କୋଟି କୋଟି ଲୋକ ସମର୍ଥନ କରୁଥିବା ଅଭିଯୋଗ ଉପରେ କୌଣସି ପଦକ୍ଷେପ ନେବପାଇଁ ଚାପ ପକାଇବେ |ଏହାର ପ୍ରଭାବ ଉପରିସ୍ଥ ଅଧିକାରୀ ଏବଂ ପରିଶେଷରେ ପ୍ରଧାନମନ୍ତ୍ରୀଙ୍କ ଉପରେ ପଡିବ ଏବଂ ଏହା ଉପରେ କିଛି ଦୃଷ୍ଟାନ୍ତମୁଳକ ପଦକ୍ଷେପ ନିଆଯିବ |ତେଣୁ,ଏହିପରି ଭାବରେ ଏହି ବ୍ୟବସ୍ଥା ସମ୍ପୁର୍ଣ ରୁପରେ ଜନତାଙ୍କ ଅନୁସାରେ ଚାଲିବ |

## ୩.ବାସ୍ , କେବଳ ଏତିକି ?!!

ହଁ କେବଳ ଏତିକି ହିଁ | ଏବେ ପ୍ରଶ୍ନ ଆସେ ଯେ କଣ କେବଳ ମାତ୍ର ଅଭିଯୋଗ ଏବଂ ହଁ /ନା ପ୍ରଧାନମନ୍ତ୍ରୀ ଙ୍କ ବେବସାଇଟ୍ ଉପରେ ଆସିବା ମାତ୍ରେ ହିଁ ଗରିବୀ ,ପୋଲିସ୍ ର ଭ୍ରଷ୍ଟାଚାର ,ଅଦାଲତର ସ୍ବେଚ୍ଛାଚାରିତା ଆଦି ସମସ୍ୟା ଗୁଡିକର ସମାଧାନ ହୋଇଯିବ?!! ହଁ | କିପରି? ଏହି ଚାରି ପେଜ୍ ର ଲେଖାରେ ମୁଁ ବୁଝାଇବାକୁ ସଂକ୍ଷିପ୍ତ ରୁପେ ଚେଷ୍ଟା କରିଛି | ପାଠକଙ୍କ ମନରେ ଅନେକ ପ୍ରଶ୍ନ ଆସିପାରେ ,ଯାହା ମଧ ରୁ ଅଧିକାଂଶ ର ଉତ୍ତର http://righttorecall.info ରେ ଦିଆଯାଇଛି | ଆଉ ବାଚକ କୁ ଉତ୍ତର ନମିଳିଲେ ,ଫେସ୍ ବୁକ୍ ରେ ପ୍ରଶ୍ନ ରଖିବାକୁ , ଫୋନ୍ କରିବାକୁ ବା ଅଫିସ୍ ଆସିବାକୁ ନିବେଦନ |ଅପଣ ଜହାଂଙ୍କ ଠାରୁ ଏହି ପତ୍ରିକାଟିକୁ ପାଇଲେ ତାଂକୁ ମଧ ଏ ବିଷୟରେ ପ୍ରଶ୍ନ କରି ପାରିବେ |

## ୪.କ'ଣ ସବୁ ନାଗରିକ ଙ୍କ ପାଖରେ ଇଣ୍ଟରନେଟ୍ ଅଛି?

ଏହା ସବୁଠୁ ଅଧିକ ମନରେ ଆସୁଥିବା ଭୁଲ୍ ପ୍ରଶ୍ନ |ମୁଁ ଏହାକୁ ଭୁଲ୍ ପ୍ରଶ୍ନ ଏଥିପାଇଁ କହୁଚି କାରଣ ପ୍ରସ୍ତାବିତ ଟି.ସି.ପି ରେ ମତଦାତା ପାଖରେ ଇଣ୍ଟରନେଟ୍ ରହିବା କେବେବି ଦରକାର ନାହିଁ |ତାଙ୍କ ପାଖେ ଇଣ୍ଟରନେଟ୍ ଥାଉ ବା ନଥାଉ ତାଙ୍କୁ ପଟବାରୀ/ତଲାଟି/ଲେଖାପଳ ଅଫିସ୍ ଯିବା ନିହାତି ଦରକାର |କଥା କେବଳ ଏତିକି ଯେ ନେଟ ଥିଲେ ଆପଣ ସହଜରେ ଏଫିଡେବିଟ ଟି ଜାଣି ପାରିବେ ନଚେତ୍ ଅନ୍ୟ କୁ ପଚାରି ମଧ ବୁଝି ପାରିବେ |

# ୫.ଟି.ସି.ପି ଦ୍ବାରା କିପରି ୩-୪ ମାସ ମଧ୍ୟରେ ଗରିବୀ କମ ହେବ?

ଯେଉଁ ଦିନ ପ୍ରଧାନମନ୍ତ୍ରୀ **ଟି.ସି.ପି** ରେ ଦସ୍ତଖତ କରିବେ ସେଦିନ ମୁଁ ବ ମୋର ସହଯୋଗୀ ପାଖାପଖି ୨୦୦ ଟି ଏଫିଡେବିଟ୍ ଦାଖଲ କରିବେ |ସେଥିରୁ ପ୍ରଥମ ଏଫିଡେବିଟ୍ ହେବ ଏମ୍.ଆର.ସି.ଏମ୍ (M.R.C.M –Mine Royalities for Citizens and Military )|ଏହି ୭ ପୃଷ୍ଠା ଏଫିଡେବିଟ୍ ର ସମ୍ପୂର୍ଣ୍ଣ ଡ୍ରାଫ୍ଟ http://righttorecall.info ରେ ଦିଆଯାଇଛି |ଏହି ଏଫିଡେବିଟ୍ ଏକ ବ୍ୟବସ୍ଥା ର ବର୍ଣ୍ଣନ ଯାହାଦ୍ବାରା ଖଣିଜ ସମ୍ପତ୍ତି ଓ ସରକାରୀ ଜମି ର ଭଡା ଟ.୩୦,୦୦୦କୋଟି ସିଧା ସଳଖ ଆସିବ ,ଏଥିରୁ ଟ.୧୦,୦୦୦କୋଟି ସେନା ପାଇଁ ଯିବ ଓ ବାକି ଟ.୨୦,୦୦୦ କୋଟି ରୁ ପ୍ରତି ନାଗରିକ ର ସ୍ଥାନୀୟ ପୋଷ୍ଟଅଫିସ୍ ବା ଷ୍ଟେଟ ବ୍ୟାଙ୍କ ଖାତା ରେ ଟ.୨୦୦/- ପ୍ରତିମାସ ଜମା କରିଦିଆଯିବ | ଏଠାରେ ଦିଆଯି ଥିବା ପ୍ରତିମାସ ଧନରାଶି ର ପରିମାଣ କମ୍ ବ ବେସୀ ମଧ ହୋଇପାରେ |କିନ୍ତୁ ଏହିପରିଭାବେ ପ୍ରକୃତିକ ସମ୍ପଦ ର ଆୟକୁ ସବୁ ନାଗରିକ ମାନଂକ ମଧରେ ବାଣ୍ଟି ତାଂକ ମୌଳିକ ଆବଶ୍ୟକତା କୁ ପୁରଣ କରାଯି ପାରିବ ଓ ଗରିବୀ ଦୁର କର ଯାଇ ପାରିବ |

## <u>ପାଠକଂକ ପ୍ରତି ମୋର କିଛି ପ୍ରଶ୍ନ ଯାହା ନିମ୍ନ ଚାରିଟି ବିନ୍ଦୁ ଉପରେ ଅଧାରିତ</u>

**ମାନି ନିଅନ୍ତୁ :**

*୧.ଭାରତ ର ନାଗରିକ ପ୍ରଧାନମନ୍ତ୍ରୀ ଙ୍କ ପାଖେ ଟି.ସି.ପି ରେ ହସ୍ତାକ୍ଷର କରାଇବାରେ ସଫଳ ହୋଇଗଲେ |*

*୨.କେହି ଜଣେ M.R.C.M ର ଏଫିଡେବିଟ୍ ପ୍ରଧାନମନ୍ତ୍ରୀ ଙ୍କ ବେବସାଇଟ୍ ରେ ରଖିଲା |*

*୩.ଏବେ ଏହି ଏଫିଡେବିଟ ବିଷୟରେ ଭାରତ ର ଲୋକ କିପରି ଜାଣିବେ ତାହା ଅଲଗା ପ୍ରସଂଗ ଆମେ ପରେ ଆଲୋଚନା କରିବା |*

*୪.ଭାରତ ର ୭୨ କୋଟି ବରିଷ୍ଠ ମତଦାତା ଙ୍କ ମଧ୍ଯରୁ ୮୦% ବା ୫୮ କୋଟି ଆର୍ଥିକ ଦୁର୍ବଳ ମତଦତାଙ୍କୁ ଦୃଷ୍ଟି ରେ ରଖନ୍ତୁ |*

**<u>ପାଠକ ଙ୍କୁ ମୋର ପ୍ରଥମ ପ୍ରଶ୍ନ :-</u>**

ଯେଉଁ ୫୫ କୋଟି ନାଗରିକ ଗରିବୀ ରେଖା ତଳେ ଅଛନ୍ତି ସେମାନଙ୍କ ମଧ୍ଯରୁ କେତେଜଣ ଏପରି ଚାହିଁବେ ଯେ ସେମାନଙ୍କ ର ଜଣ ପ୍ରତି ମାସିକ ଟ.୨୦୦/- ଦରକାର ନାହିଁ ?

ଏହି ୭୨ କୋଟିରେ ଅନ୍ତର୍ଭୁକ୍ତ ୫୫ କୋଟି ନାଗରିକ ଙ୍କ ମଧ୍ଯ ରୁ ଅଧିକାଂଶ ଲୋକ କେବଳ ଗୋଟିଏ କଥା ଭାବିବେ – ମୋର କ୍ଷତି କଣ ହେବ? କେବଳ ଟ.୩/- ଆଉ କିଛି ନୁହଁ | ଆଉ ଯଦି ନିଶାନା ଲାଗିଗଲା , ମାନେ ପ୍ରଧାନମନ୍ତ୍ରୀ ଯଦି ଏମ୍.ଆର୍.ସି.ଏମ୍ ରେ ହସ୍ତାକ୍ଷର କରିଦେଲେ , ତେବେ ମୁଁ ମାସ କୁ ଟ.୨୦୦/- ପାଇବି |

**<u>ବର୍ତ୍ତମାନ ମୋର ପାଠକ ଙ୍କୁ ଅନ୍ୟ ଏକ ପ୍ରଶ୍ନ :</u> ଧରି ନିଅନ୍ତୁ**

*୧.ପ୍ରଧାନମନ୍ତ୍ରୀ ଆର୍.ଟି.ଆଇ -୨ ରେ ହସ୍ତାକ୍ଷର କରିଦେଲେ |*

*୨.କେହିଜଣେ ଏମ୍.ଆର୍.ସି.ଏମ୍ ଏଫିଡେବିଟ୍ ବେବସାଇଟ ରେ ରଖିଲା ଓ ୪୦ -୫୦ କୋଟି ନାଗରିକ ନିଜର ସମ୍ମତି ପ୍ରକାଶ କଲେ |*

*୩.ବର୍ତ୍ତମାନ ନିୟମ ର ତୃତୀୟ ଧାରା କୁ ଧ୍ୟାନ କୁ ଆଣନ୍ତୁ , ଏଠାରେ ସଫା କୁହାଯାଇଛି ଯଦି ୭୨ କୋଟି ଲୋକ ବି ସମର୍ଥନ ତେବେ ବି ସେହି ନିୟମରେ ହସ୍ତାକ୍ଷର କରିବାକୁ ପ୍ରଧାନମନ୍ତ୍ରୀ ବାଧ୍ୟ ନୁହନ୍ତି |*

**<u>ମୋର ଦ୍ବିତୀୟ ପ୍ରଶ୍ନ:</u> କ'ଣ ଆପଣ ଭାବୁଛନ୍ତି ଯେ ପ୍ରଧାନମନ୍ତ୍ରୀ କେବେ ସାହସ କରିବେ କହିବାକୁ ଯେ :"ମୁଁ ଏମ୍.ଆର.ସି.ଏମ୍ ଲ/ନିୟମ /କନୂନ ରେ ହସ୍ତାକ୍ଷର କରିବିନି "** ମାନେ କେବେବି ଜଣେ ପ୍ରଧାନମନ୍ତ୍ରୀଙ୍କ ର ସାହସ ହେବ କି ଯେ ସେ ୪୦-୫୦ କୋଟି ନାଗରିକ ଙ୍କ କଥା କାଟି ପାରିବେ ? ଦୟାକରି ଉପର ପ୍ରଶ୍ନ ର ଉତ୍ତର ଦେବା ପରେ ହିଁ ତଳକୁ ପଢନ୍ତୁ | ମୋର ଉତ୍ତର ହେଲା – ପ୍ରଧାନମନ୍ତ୍ରୀ ଏହି ପ୍ରସ୍ତାବ ରେ ହସ୍ତାକ୍ଷର କରିବେ | -କାହିଁକି? କାରଣ ପ୍ରତି ସେହି ନାଗରିକ ଯେ ହଁ ଦାଖଲ୍ କରିଛି ସେ ଜାଣିଥିବ ଯେ ୫୦ କୋଟି ନାଗରିକଙ୍କ ସମର୍ଥନ ତା ସହ ଅଛି |ଏହି ସମର୍ଥକଙ୍କ ର ୧% ବି ଆନ୍ଦୋଳନ କଲେ ସରକାର ଚଳାଇବା କଷ୍ଟକର ହୋଇଯିବ | ପ୍ରଧାନମନ୍ତ୍ରୀ ବି ଜାଣିଛନ୍ତି ଯେ ନାଗରିକ ମାନେ ଆନ୍ଦୋଳନ କଲେ , ୧୫ ଲକ୍ଷ ପୋଲିସ୍ ବି ସମ୍ଭାଳିବାକୁ ଅସମର୍ଥ ହେବେ | ତେଣୁ ପ୍ରଧାନମନ୍ତ୍ରୀ କେବେ ଏତେ ଲୋକ ଙ୍କ କଥା ଏଡାଇ ହିଁ ପାରିବେନି |

ତେଣୁ ଟି.ସି.ପି କାର୍ଯ୍ୟକାରୀ ହେବାର ୧-୨ ମାସ ମଧ୍ଯରେ ନାଗରିକ ମାନେ ପ୍ରଧାନମନ୍ତ୍ରୀ ଙ୍କୁ ଏମ୍.ଆର୍.ସି.ଏମ୍ ରେ ହସ୍ତାକ୍ଷର କରିବାକୁ ବାଧ୍ୟ କରିପାରିବେ | ଏମ୍.ଆର୍.ସି.ଏମ୍ କାର୍ଯକାରୀ ହେବାର ୧-୨ ମାସ ପରେ ନାଗରିକ ମାନଙ୍କୁ ଖନିଜ ସମ୍ପଦ ଏବଂ ସରକାରୀ ଜମି ର ଭଡା ମିଳିବ ,ଏବଂ ଏହା ଗରିବୀ ସମ୍ପୂର୍ଣ୍ଣ ଭାବେ କମାଇ ପାରିବ |

୬. ଟି.ସି.ପି କିପରି ପୋଲିସ୍ ମଧ୍ୟରେ ଭ୍ରଷ୍ଟାଚାର କମ କରିବ ?

**<u>ପଠାକ ଙ୍କୁ ମୋର ୩ୟ ପ୍ରଶ୍ନ :</u>ଆମେରିକା ପୋଲିସ୍ ଙ୍କ ମଧ୍ୟରେ କାହିଁକି ଭ୍ରଷ୍ଟାଚାର କମ୍ ଅଛି (ଡ୍ରଗସ ସମ୍ବନ୍ଧୀୟ କଥା କୁ ଛାଡି )?**

ଏହାର କେବଳ ଆଉ କେବଳ କାରଣ ହେଉଛି , **ସେଠାରେ ନାଗରିକ ମନଙ୍କର ଜିଲ୍ଲା ପୋଲିସ୍ କମିସନର୍ କୁ ମଧ ବହିସ୍କୃତ କରିବାର ଅଧିକାର ଅଛି** | ତେଣୁ ଖୁବ୍ କମ୍ ଆମେରିକ ପୋଲିସ୍ କମିସନର୍ ଲାଂଚ ନିଅନ୍ତି ଓ ତାଂକର ଅଧୀନସ୍ଥ କର୍ମଚାରୀ ମନେ କିପରି ଲାଂଚ ନ ନେବେ ସେ ବିଷୟରେ ଧ୍ୟାନ ଦିଅନ୍ତି | ଯଦି ପୋଲିସ୍ ଅମେରିକିୟ କମିସନର୍ କୌଣସି ଉପାୟରେ ଜାଣେ ଯେ ନିମ୍ନସ୍ଥ କର୍ମଚାରୀ ଲାଂଚ ନେଉଛି ,ତେବେ ସେ କୌଣସି ନା କୌଣସି ଉପାୟରେ ସେହି କର୍ମଚାରୀ ବିରୁଦ୍ଧରେ ପ୍ରମାଣ ସଂଗ୍ରହ କରେ ଓ ତାକୁ ପଦ/ଚାକିରୀ ରୁ କାଢିଥାଏ | ସେଠାରେ ପୋଲିସ୍ ଡ୍ରଗସ ଆଦି କ୍ଷେତ୍ର ରେ ଦୁର୍ନୀତି କରିଥାନ୍ତି କାରଣ ଲୋକ ମନେ ଏ କ୍ଷେତ୍ର ରେ ଅଧିକ ସଚେତନ ନୁହନ୍ତି | କିନ୍ତୁ ଭାରତରେ ଯେହେତୁ ସାଧାରଣ ନଗରିକଂକ ପାଖରେ ପୋଲିସ୍ କମିସନର୍ ମାନଙ୍କୁ ହଟାଇବାର କ୍ଷମତା ନାହିଁ , ତେଣୁ ଚିଫ୍ କେବଳ ଲାଂଚ ହିଁ ନିଏନି ସେ ତାର କାର୍ଯ୍ୟକର୍ତ୍ତା ମାନଙ୍କୁ ଅଧିକ ରୁ ଅଧିକ ଲାଂଚ ନେବାକୁ ପ୍ରୋତ୍ସାହନ ମଧ ଦିଏ | ଜଣେ ସାଧାରଣ ପୋଲିସ କମିସନର୍ ଲାଂଚ ର ଅଧା ନିଜେ ରଖେ ଆଉ ଅଧା ଏମ୍.ଏଲ୍.ଏ , ଗୃହମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କୁ ପଠାଏ | ତେବେ ପାଠକ ମାନେ ଏ ବିଷୟ ରେ କିପରି ଜାଣିନଥିଲେ ? ଏହାର କାରଣ ଇ.ଆଇ.ଆଇ(EIIs:Eminent Intellectual of India ) / ବୁଦ୍ଧିଜୀବୀ ମାନେ ଚାହାନ୍ତିନି ଯେ ଭାରତ ର ନାଗରିକ ଏହି (ପୋଲିସ୍ କମିସନର୍ କୁ ପଦ ରୁ ହଟାଇବାର )ନୀତି ର ଦାବି କରନ୍ତୁ |

ମୁଁ ଗୋଟିଏ ନିୟମ ତିଆରି କରିଛି ,ଯାହା ମୁଖ୍ୟମନ୍ତ୍ରୀ ଙ୍କ ହସ୍ତାକ୍ଷର ପାଇଲେ ,ଏକ ରାସ୍ତା ତିଆରି କରିବ ଜହାଦ୍ବାର ଜିଲ୍ଲା ନାଗରିକ ମାନେ ଜିଲ୍ଲା ପୋଲିସ୍ କମିସନର୍ ଙ୍କୁ ବଦଳାଇ ପାରିବେ | ମୁଁ ଏହି ନିୟମ କୁ କହୁଛି: **ଡି.ପି.ସି-ଆର୍.ପି (D.P.C-R.P:District Police Comissioner Replacement Procedure ) ବା ଜିଲ୍ଲା ପୋଲିସ୍ କୁ ପଦ ରୁ ବହିଷ୍କାର କରିବାର ପଦ୍ଧତି** |ଏହି ଡ୍ରାଫ୍ଟ ଭାରତୀୟ ସମ୍ବିଧାନ୍ ର କୌଣସି ଅନୁଛେଦ କୁ ବିରୋଧ କରେ ନାହି |

**<u>ପାଠକଙ୍କୁ ମୋର ୪ର୍ଥ ପ୍ରଶ୍ନ</u>** :କୌଣସି ମୁଖ୍ୟମନ୍ତ୍ରୀ କେବେବି ଜିଲ୍ଲା ପୋଲିସ୍ କମିସନର୍ (D.P.C) କୁ କାଢିଦେବାର ଅନୁମତି ନାଗରିକ କୁ ଦେବ କି? ମୋର ଉତ୍ତର : **ନା** | କାରଣ ଯଦି ଏହି ଅଧିକାର ଲୋକଙ୍କୁ ମିଳିଯାଏ ତେବେ ପୋଲିସ୍ କମିସନର୍ ଯେଉଁ ଲାଂଚ ନେଉଥିଲା ତାହା ୧ କୋଟି ରୁ ୧ ଲକ୍ଷ କୁ କମିଆସିବ | ଯାହାର ପରିଣତି ହେବ :- ସପ୍ତାହିକ ବଟି ଯାହର ଅଧା, ୫୦ ଲକ୍ଷ ଏମ୍.ଏଲ୍.ଏ ଓ ମନ୍ତ୍ରୀ ମାନଙ୍କୁ ମିଳୁଥିଲା ତାହା ଟ.୫୦,୦୦୦/- କୁ କମିଆସିବା | ଏଥିପାଇଁ ନିଶ୍ଚିତ ଏମ୍.ଏଲ୍.ଏ ,ଗୃହମନ୍ତ୍ରୀ ,ମୁଖ୍ୟମନ୍ତ୍ରୀ ଏହି ନିୟମ କାର୍ଯ୍ୟକାରୀ ହେବାକୁ ଦେବେନାହିଁ |

କିନ୍ତୁ ଏହି ଅବସ୍ଥା ସମ୍ପୂର୍ଣ୍ଣ ବଦଳିଯିବ ଯଦି ପି.ଏମ୍ ,ଟି.ସି.ପି କୁ ମଂଜୁରୀ ଦେଇ ଦିଅନ୍ତି | ଏବେ ମୁଁ ଯେଉଁ ଦ୍ବିତୀୟ ଏଫିଡେବିଟ୍ ଦେବି:ଡି.ପି.ସି-ଆର.ପି ଏଫିଡେବିଟ୍ | ଅଧିକାଂଶ ଭାବିବେ ଯଦି ଡି.ପି.ସି –ଆର୍.ପି ପୋଲିସ୍ ଭ୍ରଷ୍ଟାଚାର ୫% ବି କମେଇଦେଉଛି , ତେବେ ମୋର ଟ.୩/- ବସୁଲ୍ ହୋଇଗଲା ଓ ଅନ୍ୟ ଏକ କାରଣ ଯାହା ଡି.ସି.ପି-ଆର୍.ପି ରେ ସମ୍ମତି ଜଣାଇବାକୁ ଲୋକ ଙ୍କୁ ମନେଇ ପାରିବ ତାହା ହେଲା ପୋଲିସ୍ ପ୍ରତି ଆମର ବିରକ୍ତି ମନୋଭାବ ଯେ କି ଲକ୍ଷ ଲକ୍ଷ ଟଙ୍କା ଗୋଟିଏ ମାସ ରେ ରୋଜଗର କରୁଛି | ତେଣୁ ଯେମିତିକି ନିୟମର ଦ୍ବିତୀୟ ଲାଇନ୍ ଅନୁସାରେ ଯଦି ୭୦%-୮୦% ଲୋକ ଏହି ନିୟମ (ଡି.ସି.ପି.-ଆର୍.ପି ) କାର୍ଯ୍ୟକାରୀ ହେଉ ବୋଲି ସମ୍ମତି ଜଣାନ୍ତି ତେବେ ,ମୁଖ୍ୟମନ୍ତ୍ରୀ ଭୟରେ ଆସି ନିଜର ସବୁ ଜିଦ ଛାଡି ଡି.ସି.ପି-ଆର.ପି କୁ ସମ୍ମତି ଦେବ | ଚାକିରୀ ଯିବାର ଭୟ ଗୋଟେ ସରକାରୀ ଚାକିରିଆ ର ସବୁଠାରୁ ବଡ ଭୟ | ଡି.ସି.ପି-ଆର୍.ପି କାର୍ଯ୍ୟକାରୀ ହେବାର ମାତ୍ର ୧୪ ଦିନ ମଧରେ ପୋଲିସ୍ କମିସନର୍ ଓ ଅନ୍ୟ ଅଫିସର୍ ଙ୍କ ମଧରେ ଭ୍ରଷ୍ଟାଚାର ୯୯% କମିଯିବ | ତେଣୁ ଆର୍.ଟି.ଆଇ-୨ ପାସ୍ ହେବାର ତିନି ମାସ ମଧରେ ପୋଲିସ୍ ର ଭ୍ରଷ୍ଟାଚାର ଶୂନ ବରାବର୍ ହୋଇଯିବ |

ରାଇଟ୍ ଟୁ ରିକଲ୍ ଦ୍ବାରା ପୋଲିସ୍ ଚିଫ୍ କୁ ବଦଳାଇବା ତ ଆରମ୍ଭ ମାତ୍ର | ଅମେ ଏହା ଦ୍ବାରା ମଧ ପ୍ରଧାନମନ୍ତ୍ରୀ ,ମୁଖ୍ୟମନ୍ତ୍ରୀ , ଏମ୍.ଏଲ୍.ଏ , ଏମ୍.ପି ,ଉଚ୍ଚତ୍ତମ ନ୍ୟାୟାଳୟ ର ବିଚାରପତି , ଉଚ୍ଚନ୍ୟାୟାଳୟ ର ବିଚାରପତି,ରିଜର୍ଭ୍ ବ୍ୟାଙ୍କ ଗଭରନର୍ ,ଷ୍ଟେଟ୍ ବ୍ୟାଙ୍କ ଚେୟାର ମ୍ୟାନ୍ ,ଜିଲ୍ଲା ଶିକ୍ଷା ଅଫିସର୍ ,ମେୟର ଓ ଅନ୍ୟ ଅଫିସ୍ ଆଦି ୨୫୧ ଟି ଜାତୀୟ,ରାଜ୍ୟ ଓ ଜିଲ୍ଲା ସ୍ତର ପୋଷ୍ଟ ର ଅଧିକାରୀ କୁ ଗାଦିଚ୍ୟୁତ କରିପାରିବ |

ଆପଣଙ୍କୁ କ'ଣ ଲଗୁଚି କେଉଁ ରିକଲ୍ ନିୟମ କୁ ନାଗରିକ ମାନେ ମନା କରିବେ? ମୋ ଉତ୍ତର କାହାକୁ ନୁହଁ |ତେଣୁ ଟି.ସି.ପି ମଂଜୁରୀ ପାଇଲେ ଏହା ଖୁବ୍ ସମ୍ଭବ ଯେ ନାଗରିକ ମନେ ଏହି ୨୫୧ ପୋଷ୍ଟ ଉପରେ ପୁନଃ ପ୍ରତ୍ୟାବର୍ତ୍ତନ/ଫେରାଇଆଣିବା/replacement ର ନିୟମ କାର୍ଯ୍ୟକାରୀ କରିବାକୁ ସକ୍ଷମ ହେବେ | ତେଣୁ ଏ ସବୁ ସ୍ତର ରେ ଭ୍ରଷ୍ଟାଚାର କମିଯିବ |

**<u>୭.ସରକଥା:</u>**ମୁଁ ଏଠାରେ ବର୍ଣ୍ଣନା କରିଛି କିପରି ଟି.ସି.ପି ର ୩ ଧାଡି ର ନିୟମ ଗରିବୀ ଦୁରକରିବା ଓ ପୋଲିସ୍ ମଧରେ ଭ୍ରଷ୍ଟାଚାର କମ କରିବ ଇତ୍ୟାଦି |ଆପଣଙ୍କ ମନରେ ଉଠୁଥିବା ପ୍ରଶ୍ନ ର ସମଧାନ ସିଧା ଫୋନ ଜରିଆରେ ମଧ ସମ୍ଭବ | ଯଦି ଆପଣ ଏହି ନିୟମ ଅମଦେଶ ରେ ଅଣିବା ପାଇଁ ସାହାଯ୍ୟ କରିବାକୁ ଚାହାନ୍ତି ତେବେ ନିଜର ବିଧାୟକ ଏବଂ ସାଂସଦଂକୁ ଏସ୍.ଏମ୍.ଏସ୍ ଦ୍ବାରା ଟି.ସି.ପି ଆଣିବା ପାଇଂ ଦାବି କରଂତୁ |